**ସଂକ୍ଷେପରେ**

## ପଦାର୍ଥ ବିଜ୍ଞାନ ବିଭାଗ ସେମିନାର୍

**ବ୍ରହ୍ମପୁର ଅଫିସ୍,୧୩ା୧୨:** ମହାମାୟୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ସେମିନାର୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ପ୍ରତିଭା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସେମିନାର୍‌ରେ ଅଧକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅଧାପିକା ରୀତା ଚୌଧୁରୀ ଏବଂ ଡେମନ୍‌ଷ୍ଟ୍ରେଟର୍ ସଂଯୁକ୍ତା ସାହୁ, କାଶ୍ମୀରା ଦାସ ପରିଚାଳନା କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ସୋରଡ଼ା,୧୩ା୧୨(ଡି.ଏନ.ଏ.):** ସୋରଡ଼ା ବ୍ଲକ ଗୋଚ୍ଛା ଗ୍ରାମରେ ଶୁକ୍ରବାର ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଭଗବାନ ଗୌଡ଼ଙ୍କ ସ୍ତ୍ରୀ ଝୁଲି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଭଗବାନ ୮ ବର୍ଷ ପୂର୍ବେ କନ୍ଧମାଳ ଜିଲା କରଡ଼ା ନିକଟ ପୋଡ଼ାମାରୀର ଝୁଲିଙ୍କୁ ବିବାହ କରିଥିଲେ। ୨ ବର୍ଷ ହେଲା ଉଭୟ ସ୍ୱାମୀ ଓ ସ୍ତ୍ରୀ ସେହି ଗାଁରେ ଅଲଗା ଅଲଗା ରହୁଥିଲେ। ସକାଳେ କୌଣସି କାରଣରୁ ଝୁଲି ବିଷ ପିଇ ଦେଇଥିଲେ। ତାଙ୍କୁ ଗ୍ରାମବାସୀ ସୋରଡ଼ା ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ଝୁଲିଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଭଞ୍ଜନଗର ମେଡିକାଲ ପଠାଇଥିଲା। ଅପରାହ୍ନରେ ଗାଁକୁ ଆଣି ସଂସ୍କାର କରାଯାଇଛି।

## ଆକ୍ରମଣ ମାମଲା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୩ା୧୨(ଡି.ଏନ.ଏ.):** ଆକ୍ରମଣ ମାମଲାରେ ଦିଗପହଣ୍ଡି ବ୍ଲକ କେ.ସାମନ୍ତରାପୁର ଗାଁର ଜି. ମିଟୁ ରେଡ୍ଡୀଙ୍କୁ ଦିଗପହଣ୍ଡି ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ମାମଲା ନଂ. ୨୬୯/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇଯାଇଛି।

ଗତ ମଙ୍ଗଳବାର ସନ୍ଧ୍ୟାରେ ଜି.ନିରଞ୍ଜନ ରେଡ୍ଡୀଙ୍କ ଧାନ ଅଖାରୁ ବହୁ ସଂଖ୍ୟକ କୁକୁଡ଼ା ଧାନ ଖାଇ ଦେବାରୁ ସେ କୁକୁଡ଼ାଗୁଡ଼ିକୁ ପଥର ମାରିଥିଲେ। ଏହା ଦେଖି କୁକୁଡ଼ା ପୋଷିଥିବା ଗାଁର ମିଟୁ ନିରଞ୍ଜନଙ୍କୁ ଗାଳି ଗୁଲଜ କରି ବ୍ଲେଡରେ ଆକ୍ରମଣ କରିଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ନିରଞ୍ଜନଙ୍କ ବାପା ଗଣପତି ଗୁରୁବାର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

## ମଦ ଜବତ, ଜଣେ ଗିରଫ

**ପାଟପୁର, ୧୩ା୧୨(ଡି.ଏନ.ଏ.):** ପାଟପୁର ପୋଲିସ ଖଇରପଦର ଗ୍ରାମରେ ଚଢ଼ାଉ କରି ଗୁରୁବାର ଚୋରା ମଦ ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖଇରପଦର ଗ୍ରାମର ନୀଳାଞ୍ଚଳ ସାହୁ। ତାଙ୍କ ନିକଟରୁ ୮୦ ଦେଶୀ ମଦ ପାଉଚ ଜବତ ହୋଇଛି। ନଂ. ୨୬୫/୧୯ରେ ଏକ ମାମଲା ରୁଜୁ କରି ଶୁକ୍ରବାର ନୀଳାଞ୍ଚଳଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି।

■ ଐତିହ୍ୟ, ପର୍ଯ୍ୟଟନସ୍ଥଳୀର ବିକାଶକୁ ଗୁରୁତ୍ୱ

# ସବୁଠି ଆୟୋଜନ ହେବ ମହୋତ୍ସବ

**ଛତ୍ରପୁର,୧୩ା୧୨(ଡି.ଏନ.ଏ.)**

■ ଏସ୍‌ଏଚଜିଙ୍କ ପାଇଁ ଷ୍ଟଲ ସୁବିଧା
■ ଫେବୃୟାରୀରେ ପ୍ରଥମ ଥର ଲାଗି ବ୍ରହ୍ମପୁର ମହୋତ୍ସବ

ଗଞ୍ଜାମ କଳା ଓ ସଂସ୍କୃତିର ଜିଲା। ଏଠାରେ ଥିବା ବିଭିନ୍ନ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏପିରକି ବିଭିନ୍ନ ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳୀକୁ ଚିହ୍ନଟ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଜିଲାର ସମସ୍ତ ଏମ୍‌ପି ଓ ବିଧାୟିକା ବିଧାୟକମାନଙ୍କୁ କହିଛନ୍ତି। ଛତ୍ରପୁରରେ ଲୋକକଳା ମହୋତ୍ସବ ଭଳି ବିଭିନ୍ନ ସ୍ଥାନରେ ମହୋତ୍ସବ କରିବା ଉପରେ ବିଧାୟିକା ବିଧାୟକମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଛତ୍ରପୁରରେ ୨ବର୍ଷ ହେଲା ମହୋତ୍ସବ ହୋଇଆସୁଛି। ପୂର୍ବବର୍ଷ କୌଣସି କାରଣରୁ ଗୋପାଳପୁର ବେଳାଭୂମି ମହୋତ୍ସବ ହୋଇପାରି ନଥିଲା। ଚଳିତବର୍ଷ ବେଳାଭୂମି ମହୋତ୍ସବ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଏହି ମହୋତ୍ସବ ହେବ। ଏଥିରେ ବଲିଉଡ୍ ଓ ଓଲିଉଡ୍ କଳାକାରମାନଙ୍କ ପକ୍ଷରୁ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପୁରୁଷୋତ୍ତମପୁର ନିକଟରେ ରହିଛି ଐତିହ୍ୟ ସ୍ଥଳୀ ଜଉଗଡ଼। ସେଠାରେ ମହୋତ୍ସବ ଆୟୋଜନ ହେବ। ସେହିପରି ଖଲ୍ଲିକୋଟରେ ମର୍ଦ୍ଦରାଜ ମହୋତ୍ସବ, ଗଞ୍ଜାମ ଏନ୍‌ଏସି ନିକଟ ଐତିହ୍ୟସ୍ଥଳୀ ପୋତାଗଡ ମହୋତ୍ସବ, ବୁଗୁଡ଼ା ବୁଦ୍ଧଖୋଲ ମହୋତ୍ସବ ଆୟୋଜନ ଉପରେ ଗୁରୁତ୍ୱାରୋପ କରାଯାଇଛି। ସୋନପୁରରେ ବାହୁଦା ମହୋତ୍ସବ ମଧ ଜାନୁୟାରୀରେ କରିବାକୁ ନିଷ୍ପତ୍ତି ହୋଇଛି। ଫେବୃୟାରୀରେ ପ୍ରଥମ ଥର ଲାଗି ବ୍ରହ୍ମପୁର ମହୋତ୍ସବ ପ୍ରଶାସନର ମିଳିତ ସହଯୋଗରେ କରାଯିବ। ସୋରଡାରେ ପ୍ରତିବର୍ଷ ହୋଇ ଆସୁଥିବା କନ୍ଧୁଣୀଦେବୀ ମହୋତ୍ସବକୁ ଚଳିତ ଥର ଆହୁରି ବଡ ଆକାରରେ କରିବାକୁ ନିଷ୍ପତ୍ତି ହୋଇଛି।ସୋରଡା ଅଞ୍ଚଳରେ ଏକ ୱାଟର ଫଲ୍ ଥିବା ଲୋକଲୋଚନକୁ ଆସିଥିବା ଜିଲାପାଳ ସୂଚନା ଦେଇଛନ୍ତି। ଚିକିଟି ଅଞ୍ଚଳରେ ଥିବା ବାଳକୁମାରୀ ପର୍ଯ୍ୟଟନ ସ୍ଥଳୀକୁ ଆହୁରି ଲୋକଲୋଚନକୁ ଅଣାଯିବାର ଆବଶ୍ୟକତା ରହିଛି। ସୋନପୁର ବେଳାଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ମହୋତ୍ସବଗୁଡ଼ିକରେ ମହିଳା ସଂଘ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରି ପାଇଁ ଷ୍ଟଲ ବ୍ୟବସ୍ଥା ହେବ। ଏହାଦ୍ୱାରା ସେମାନେ ଭଲ ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଜିଲାପାଳ କହିଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ


ଛାତ୍ରୀମାନେ ତାଲିମ୍ ନେଉଛନ୍ତି।

**ବ୍ରହ୍ମପୁର ଅଫିସ୍,୧୩ା୧୨**

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର-୨ ପରିସରରେ ଶୁକ୍ରବାର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୦ତାରିଖରେ ଶେଷ ହେବ। ଏଥିରେ ୫୦ ଛାତ୍ରୀ ଭାଗ ନେଇଛନ୍ତି। ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ସମ୍ପର୍କରେ ବୁଝାଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଟି.ମୀନା କୁମାରୀ ପାତ୍ର ଏବଂ ମିରା ନାୟକ ତାଲିମ୍ ଦେବା ପାଇଁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱପ୍ନା ପଟ୍ଟନାୟକ, ସିଏଚ୍. ଶାରଦା, ପାର୍ବତୀ ପଲାଇ, କେ.କୁସୁମା ଏବଂ ଜୟଶ୍ରୀ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ କ୍ଷେତ୍ରବାସୀ ଦଣ୍ଡ ଧନ୍ୟବାଦ ଦେଇଥିଲେ।

## ଗଞ୍ଜାମ ଜିଲା ବଲ୍ ବ୍ୟାଡମିଣ୍ଟନ୍ ଦଳ ଘୋଷିତ


ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ।

**ବ୍ରହ୍ମପୁର ଅଫିସ୍,୧୩ା୧୨**

ସ୍କୁଲ ଗେମ୍‌ସ ଫେଡେରେଶନ୍ ଅଫ୍ ଇଣ୍ଡିଆ(ଏସ୍‌ଜିଏଫ୍‌ଆଇ) ତରଫରୁ କଟକରେ ବଲ୍ ବ୍ୟାଡମିଣ୍ଟନ୍ ଷ୍ଟେଟ୍ ମିଟ ଆୟୋଜିତ ହେଉଛି। ଏହି ଟୁର୍ନାମେଣ୍ଟରେ ଭାଗନେବା ପାଇଁ ଗଞ୍ଜାମ ଜିଲା ୧୪ବର୍ଷରୁ କମ୍ ଏବଂ ୧୭ବର୍ଷରୁ କମ୍ ବାଳିକା ଏବଂ ବାଳକ ଦଳ ଘୋଷଣା କରାଯାଇଛି। ୧୪ବର୍ଷରୁ କମ୍ ବାଳକ ଦଳରେ ରୂପେଶ ପାଣିଗ୍ରାହୀ, ରୁଦ୍ରପ୍ରସାଦ ମହାରଣା, କାହ୍ନା ବିଷୋୟୀ, ଶୁଭମ୍ ଦାସ, ବାଦଲ ନାୟକ, ରୂପେଶ ପାଣିଗ୍ରାହୀ, ପ୍ରୀତମ୍ ମହାରଣା, ଆୟୁଷ କୁମାର ସାହୁ ସ୍ଥାନ ପାଇଥିବା ବେଳେ ଅଙ୍କିତ କୁମାର ବେହେରା ଏବଂ ପି.ପ୍ରବୀଣ କୁମାର ରାଓ ଷ୍ଟାଣ୍ଡ୍‌ବାଏ ରହିଛନ୍ତି। ୧୪ବର୍ଷରୁ କମ୍ ବାଳିକା ଦଳରେ ଏ.ସାଇଲକ୍ଷ୍ମୀ ରାଓ, ଶ୍ରୁତି ନାହାକ, କବିତା ପାତ୍ର, ଡି.ପଲ୍ଲଭୀ, ମାନସୀ ପାଣିଗ୍ରାହୀ, ଏ.ମହାଲକ୍ଷ୍ମୀ, ସୋନାଲି ସେଠୀ ଏବଂ ଜସ୍ମିନ ଗୌଡ଼ ରହିଥିବା ବେଳେ ଷ୍ଟାଣ୍ଡବାଏ ଅନୁଶ୍ରୀ ନାୟକ ଓ ନନ୍ଦିନୀ ନାହାକ ରହିଛନ୍ତି। ସେହିଭଳି ୧୭ବର୍ଷରୁ କମ୍ ବାଳକ ଦଳରେ ଅଂଶୁମାନ ନାୟକ, ସୁଧୀର ଗୌଡ଼, ଓ.ମୋହନ ରାଓ, ଇ.ଜୟରାମ୍, ପି.ପତିତପାବନ ପାତ୍ର, ଆଲୋକ ମହାରଣା, ପ୍ରୟାସ କୁମାର ପରିଡ଼ା ଏବଂ ସାଗର କୁମାର ଦଳାଇ ରହିଛନ୍ତି। ସେହିଭଳି ୧୭ବର୍ଷରୁ କମ୍ ବାଳିକା ଦଳରେ ପ୍ରୀତି ବେହେରା, ରଞ୍ଜିତା ମଣ୍ଡଳ, ନନ୍ଦିନୀ ଗୌଡ଼, ଶ୍ରୀୟା ରଣା, ଦୀପା ସେଠୀ, ସ୍ୱାତୀ ରଣା, ସନ୍ଧ୍ୟାରାଣୀ ପାତ୍ର ଏବଂ ସନ୍ଧ୍ୟାରାଣୀ ଜେନା ପ୍ରମୁଖ ରହିଛନ୍ତି। ପ୍ରକାଶ ପଣ୍ଡା, ଆଶିଷ ସାହୁ, ପ୍ରିୟତମା ଭୂୟାଁ, ପ୍ରିୟା ପ୍ରଧାନ, ମଧୁସୂଦନ ମିଶ୍ର ଏବଂ ସମ୍ପାଦକ ସଞ୍ଜୟ ବିଷୋୟୀ ଚୟନକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ।

## ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ୍,୧୩ା୧୨**

ମହାମାୟୀ ମହିଳା ମହାବିଦ୍ୟାଳୟରେ ଗତ ୩୦ତାରିଖରୁ ଆରମ୍ଭ ହୋଇଥିବା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ ଜିଲା ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାକୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରାୟ ୩ଶହ ଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କୁ ଦୁଇଟି ବ୍ୟାଚ୍‌ରେ ଭାଗ କରାଯାଇ ତାଲିମ୍ ପ୍ରଦାନ କରାଯାଇଥିଲା। ଉଷା, ମମତା, ରୋହିଣୀ ଏବଂ ଲକ୍ଷ୍ମୀପ୍ରିୟା ମାଷ୍ଟର୍ ଟ୍ରେନର୍ ଭାବେ ଛାତ୍ରୀଙ୍କୁ ତାଲିମ୍ ଦେଇଥିଲେ। ଶେଷରେ ଛାତ୍ରୀମାନେ କିଭଳି ନିଜର ଆତ୍ମସୁରକ୍ଷା କରିପାରିବେ, ସେ ସମ୍ପର୍କରେ ମତ ରଖିଥିଲେ।

## ଜିଲା ବରିଷ୍ଠ ହ୍ୟାଣ୍ଡବଲ୍ ଦଳ ଘୋଷିତ

**ବ୍ରହ୍ମପୁର ଅଫିସ୍,୧୩ା୧୨**

ଜଗତସିଂହପୁରରେ ୩୩ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ଶିପ୍ ଆରମ୍ଭ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାର ଖେଳାଳିମାନେ ଭାଗ ନେଉଛନ୍ତି। ଟୁର୍ନାମେଣ୍ଟରେ ଭାଗନେବା ପାଇଁ ଗଞ୍ଜାମ ଦଳ ଘୋଷଣା କରାଯାଇଛି। ଖଲ୍ଲିକୋଟ କଲେଜ ପଡ଼ିଆରେ ଚୟନ ଶିବିର ଏବଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପୁରୁଷ ଦଳରେ ୧୬ ଏବଂ ମହିଳା ଦଳରେ ୧୦ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ବି.ସନ୍ଦୀପ କୁମାର ପାତ୍ର, ଗଣେଶ କୁମାର ହୋତା, ଏ.ତେଜସ୍ୱୀ, ପିଣ୍ଟୁ ବେହେରା, ଅବିନାଶ ମେଢ଼ି, ଅରବିନ୍ଦ ବେହେରା, ଟିଟୁ ବେହେରା, ମୀନକେତନ ଦାସ, ଦୀପକ କୁମାର ଦାସ, ଆଶିଷ କୁମାର ଦାସ, ବିକାଶ ସାମଲ, ସୁମିତ ରାଜ୍ ପଣ୍ଡା, ରଜତ କୁମାର ପାତ୍ର, ଡି.ସୁରଜ କୁମାର, ମନମୋହନ ଦାସ ଏବଂ ଏମ୍.ଅଙ୍କିତ୍ ରହିଛନ୍ତି। ସେହିଭଳି ମହିଳା ଦଳରେ ଟୁଇଙ୍କିଲ୍ ଗମାଙ୍ଗ, ଜିତେନ୍ଦ୍ରିୟ ନାୟକ, ଆୟୁଷା ପଣ୍ଡା, ସ୍ୱରୂପା ପାତ୍ର, ମୌସୁମୀ ବେହେରା, ଏମ୍.ସନ୍ଧିଆ, ବିପାଶା ରାଜାୱତ୍, ଶୁଭଶ୍ରୀ ବେହେରା ଓ ସୋନିଆ ରାଣୀ ଜାନି ପ୍ରମୁଖ ସ୍ଥାନ ପାଇଛନ୍ତି। ଜିଲା ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ଅଶୋକ ଶୁକ୍ଳା, ପ୍ରକାଶ ପଣ୍ଡା, ସିଏଚ୍. ମନୋଜ ପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।


ମହିଳା ଏବଂ ପୁରୁଷ ହ୍ୟାଣ୍ଡବଲ୍ ଖେଳାଳିମାନେ।

## ଉପଖଣ୍ଡ ଭଲିବଲ୍ ଟୁର୍ନାମେଣ୍ଟ:ସିଟି କଲେଜ ଚାମ୍ପିୟନ

**ବ୍ରହ୍ମପୁର ଅଫିସ୍,୧୩ା୧୨**

ବ୍ରହ୍ମପୁର ଉପଖଣ୍ଡ ଭଲିବଲ୍ ଟୁର୍ନାମେଣ୍ଟ ଶୁକ୍ରବାର ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଏବଂ ସିଟି କଲେଜ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମ ସେଟ୍‌କୁ କ୍ରୀଡ଼ା ଛାତ୍ରାବାସ ୧୬-୨୫ରେ ଜିତିଥିଲା। ହେଲେ ପରବର୍ତ୍ତୀ ୩ ସେଟ୍‌କୁ ୨୫-୨୦, ୨୫-୨୩ ଏବଂ ୨୫-୨୧ରେ ଜିତି ସିଟି କଲେଜ ଚାମ୍ପିୟନ୍ ହୋଇଛି। ରେଫରି ଭାବେ ମହମ୍ମଦ ରଜାକ୍ ଏବଂ ଭୀମସେନ୍ ସାହୁ ଓ ସ୍କୋରର୍ ଭାବେ ବିନାୟକ ହୋତା ଦାୟିତ୍ୱ ତୁଲାଇଥିଲେ। ଏହା ପରେ ପୁରସ୍କାର ବିତରଣ କରାଯାଇଥିଲା। ଉପଖଣ୍ଡ କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାସ ମହାରଣା ଯୋଗଦେଇ ଚାମ୍ପିୟନ୍ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି କ୍ରୀଡ଼ା ଛାତ୍ରାବାସର ରାଜୁ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଅଲ୍‌ରାଉଣ୍ଡର୍, ସିଟି କଲେଜର କେ. କ୍ରିଷ୍ଣା ରେଡ୍ଡୀଙ୍କୁ ଶ୍ରେଷ୍ଠ ସେଟଅପର୍ ଏବଂ ଆଇଟିଆଇର ସମୀର ରାମ୍‌ଙ୍କୁ ଉଦୀୟମାନ୍ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ପଟ୍ଟନାୟକଙ୍କ ସମେତ ଉପଖଣ୍ଡ କ୍ରୀଡ଼ା ସଂସଦ କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।


ଚାମ୍ପିୟନ୍ ସିଟି କଲେଜ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

■ ଯୁବକଙ୍କ ଗଳା କାଟି ହତ୍ୟା ମାମଲା

## ଅଭିଯୁକ୍ତଙ୍କୁ ୨ଦିନିଆ ରିମାଣ୍ଡ

**ବ୍ରହ୍ମପୁର ଅଫିସ,୧୩ା୧୨**

ଯୁବକଙ୍କ ଗଳା କାଟି ହତ୍ୟା ମାମଲାର ଅଭିଯୁକ୍ତ ବି.ବୁଲା ଦୋରା ଗୁରୁବାର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସରକାରୀ ରେଳପଥ ପୋଲିସ (ଜିଆରପି) ଥାନାଧିକାରୀ ସୁକାନ୍ତ ଭୋଇ ଅଭିଯୁକ୍ତଙ୍କୁ ୩ଦିନିଆ ରିମାଣ୍ଡରେ ନେବା ପାଇଁ ଶୁକ୍ରବାର ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ଏହି ଆବେଦନର ଶୁଣାଣି କରି ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତ ବୁଲା ଦୋରାଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ଆସନ୍ତା ୧୬ ଓ ୧୭ ଦୁଇ ଦିନ ପାଇଁ ଜିଆରପି ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ। ସେହିପରି ରିମାଣ୍ଡ ଅବଧି ସରିବା ପରେ ୧୮ ତାରିଖରେ କୋର୍ଟରେ ବୁଲାଙ୍କୁ ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବ ବୋଲି କହିଛି। ଅନ୍ୟପଟେ ଘଟଣାରେ ବ୍ୟବହୃତ ମାରଣାସ୍ତ୍ର ମଧ ବୁଲା କେଉଁଠି ଲୁଚାଇ ରଖିଛନ୍ତି। ତାହା ମଧ ଜବତ କରିବ ବୋଲି ଜଣାପଡିଛି। ରିମାଣ୍ଡ ଅବଧି ଏହି ହତ୍ୟା ଘଟଣା ପଛରେ ଆଉ କାହାର ହାତ ରହିଛି କି ନାହିଁ ସେ ନେଇ ମଧ ପୋଲିସ ଖୋଳତାଡ କରିବ ବୋଲି କହିଛି।

ସୂଚନାଯୋଗ୍ୟ, ୩ ତାରିଖ ରାତିରେ ଅନିଲ ପଣ୍ଡାଙ୍କୁ ରେଳଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମ ନିକଟରେ ବୁଲା ଦୋରା ହତ୍ୟା କରି ଫେରାର ହୋଇଯାଇଥିଲେ। ଶେଷରେ ପୋଲିସକୁ ଚକମା ଦେଇ ହତ୍ୟାକାରୀ ବୁଲା ଗୁରୁବାର କୋର୍ଟରେ ଆତ୍ମସମର୍ପଣ କରିଥିଲେ।

■ ବାଇକ୍ ଡିକିରୁ ସୁନା ଗାଏବ ଘଟଣା

# ମିଳୁନି ସୁରାକ, ଚିନ୍ତାରେ ପୋଲିସ

**ବ୍ରହ୍ମପୁର ଅଫିସ,୧୩ା୧୨**

ସହରରେ ଏବେ ଚୋର, ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଗତ କିଛି ମାସ ମଧ୍ୟରେ ଟାଉନ ଥାନା ଇଲାକାରେ ଦୁର୍ବୃତ୍ତମାନେ ପୃଥକ ଭାବେ ୨ ବାଇକ୍ ଡିକିରୁ ପ୍ରାୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି କରିନେବାରେ ସଫଳ ହୋଇଛନ୍ତି। ଏ ଦିଗରେ ପୋଲିସକୁ ସଫଳତା ମିଳିପାରୁ ନ ଥିବା ବେଳେ ଅନ୍ୟପଟେ ସଚେତନତା ଅଭାବରୁ ଲୋକମାନେ ସୁନା ଦୋକାନରୁ ଅଳଙ୍କାର କିଣି ବାଇକ୍ ଡିକିରେ ରଖୁଛନ୍ତି। ଏହାର ଫାଇଦା ଉଠାଉଛନ୍ତି ଲୁଟେରା। ଏଭଳି ଅନେକ ଘାଟଣା ଘଟିଥିଲେ ମଧ ଚୋର ଗ୍ୟାଙ୍ଗର ସୁରାକ ପୋଲିସକୁ ମିଳିପାରିନାହିଁ। ଫଳରେ ପୋଲିସର ଚିନ୍ତା ବଢିଯାଇଛି।

ସୂଚନାଯୋଗ୍ୟ, ଏଭଳି ଏକ ଘଟଣା ଟାଉନ ଥାନା ଅନ୍ତର୍ଗତ ମୟୂରୀ ଟାୱାର ସମ୍ମୁଖ ଗାଡି ପାର୍କିଂ ସ୍ଥାନରେ ଘଟିଛି। ଗାଡି ଡିକିରୁ ଚୋର ଗ୍ୟାଙ୍ଗ ସୁନା ନେଇଯାଇଥିବା ନେଇ ଥାନାରେ ଲୋକନାଥ ନାୟକ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୫୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ଲୋକନାଥ ନାୟକ ସ୍ତ୍ରୀଙ୍କ ସହ ବ୍ରହ୍ମପୁର ଆସିଥିଲେ। ବଡବଜାରରେ ଥିବା ଏକ ଜୁଏଲେରୀରୁ ୧ ଭରି ସୁନା କିଣି ତାକୁ ବାଇକ୍ ଡିକିରେ ରଖି ମୟୂରୀ ଟାୱାର ମାର୍କେଟ୍ କମ୍ପ୍ଲେକ୍ସକୁ ଯାଇଥିଲେ। ଗାଡିଟି କମ୍ପ୍ଲେକ୍ସ ସମ୍ମୁଖରେ ଥିବା ପାର୍କିଂ ସ୍ଥାନରେ ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ଗାଡି ନିକଟକୁ ଫେରିଥିଲେ। ଡିକି ଖୋଲା ହୋଇଥିବା ବେଳେ ଭିତରେ ଥିବା ସୁନା ନ ଥିଲା। ପରେ ସେ ଏନେଇ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି କମ୍ପ୍ଲେକ୍ସରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ ଚଳାଇଥିବା କହିଛି। ସେହିପରି ପୂର୍ବରୁ ଜୁଲାଇ ୨୫ ତାରିଖ ରାତିରେ ବିଜିପୁର ଅଞ୍ଚଳର ଏସ୍.ରାମକୃଷ୍ଣ ପାତ୍ର ବଡବଜାରରେ ଥିବା ଏକ ସୁନା ଦୋକାନରୁ ଅଳଙ୍କାର କିଣିଥିଲେ। ସେ ମଧ ଉକ୍ତ ସମସ୍ତ ଅଳଙ୍କାର, ମୋବାଇଲ ଫୋନ ଓ ୪ ହଜାର ଟଙ୍କା ବାଇକ୍ ଡିକିରେ ରଖି ଗିରିମାର୍କେଟ ଆସିଥିଲେ। ଉତ୍କଳ ଫ୍ଲାଏ ହାଉସ ନିକଟ ପାର୍କିଂରେ ରଖି ମାର୍କେଟିଂ କରିବାକୁ ରାମକୃଷ୍ଣ ଓ ତାଙ୍କ ସ୍ତ୍ରୀ ଯାଇଥିଲେ। କିଣା ସାରି ବାଇକ୍ ନିକଟକୁ ଆସି ଦେଖିଲା ବେଳେ ଡିକି ଖୋଲାଥିଲା। ସେଥିରେ ଥିବା ସମସ୍ତ ଅଳଙ୍କାର, ଟଙ୍କା ଓ ମୋବାଇଲ ଫୋନ ଗାଏବ ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ନଂ.୧୪୭/୧୯ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସକୁ ସଫଳତା ମିଳି ନ ଥିବା ବେଳେ ପୁଣି ଏଭଳି ଆଉ ଏକ ଘଟଣା ପୋଲିସ ପାଇଁ ଏବେ ମୁଣ୍ଡବ୍ୟଥାର କାରଣ ହୋଇଛି।

ଦ୍ୱିତୀୟ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

# ଗଞ୍ଜାମର ଲୋକକଳା ପୁନର୍ଜୀବିତ କରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୧୩ା୧୨**



କଳାକାରମାନେ ରଣପା ନୃତ୍ୟ ପରିବେଷଣ କରୁଛନ୍ତି।

ଅନ୍‌ସ୍ଲୋ କଳାକେନ୍ଦ୍ର, ଅଭିନୟଜଗତ ମିଳିତ ଅନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଗଞ୍ଜାମ କଳା ପରିଷଦରେ ଚାଲିବାକୁ ଥିବା ଏହି ମହୋତ୍ସବକୁ ବ୍ରହ୍ମପୁର ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ମଞ୍ଚ ଉପସ୍ଥାପକ ତଥା ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ଯୋଗଦେଇ ଗଞ୍ଜାମରେ ଲୋପ ପାଉଥିବା ଲୋକକଳାକୁ ପୁନର୍ଜୀବିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, ଗଡଜି ଏମ୍ପୋରିଅମର ପରିଚାଳକ ପ୍ରଣୟ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନସ୍ଲୋ କଳାକେନ୍ଦ୍ର ନିର୍ଦ୍ଦେଶିକା ଉଷାରଣୀ ମହାପାତ୍ର ଅଧକ୍ଷତା କରିଥିଲେ। ଅଭିନୟ ଜଗତ ସମ୍ପାଦକ ମିହିର କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ନରେନ୍ଦ୍ରପୁରର ରଣପା ଓ ବ୍ରହ୍ମପୁରର ବାଘନାଚ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ପରେ ଅନ୍‌ସ୍ଲୋ କଳାକେନ୍ଦ୍ର, କଳାଞ୍ଜଳି ନୃତ୍ୟକେନ୍ଦ୍ର, ଷ୍ଟେପ୍ ଅଫ ଡ୍ୟାନ୍ସ ଏକାଡେମୀର କୁନି ଶିଶୁ କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ମୋହିତ କରିଥିଲା। ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ସୀମାଞ୍ଚଳ ଦାସ, ଲୋକନୃତ୍ୟ ଶିଳ୍ପୀ ରାଜେନ୍ଦ୍ର ପ୍ରସାଦ ପାତ୍ର, ସାମାଜିକକର୍ମୀ ଡ଼.ମିହିର କୁମାର ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୁଣ କୁମାର ଶତପଥୀ, ଶିକ୍ଷା ଦାସ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଧାନଖଳାରେ ନିଆଁ

**ପାତ୍ରପୁର,୧୩।୧୨(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ପୁହୁଣ୍ଡି ଗ୍ରାମରେ ଶୁକ୍ରବାର ଧାନ ଅମଳ ବେଳେ ପାଳ ଗଦାରେ ନିଆଁ ଲାଗିଯାଇଥିଲା। କିନ୍ତୁ ଚାଷୀଙ୍କ ଉଦ୍ୟମ ଯୋଗୁ ଅମଳ ଧାନ ଉଦ୍ଧାର ହୋଇପାରିଛି। ମିଳିଥିବା ସୂଚନା ମୁତାବକ ଉକ୍ତ ଗ୍ରାମର ନରସିଂହ ପଣ୍ଡାଙ୍କ ଧାନ ଅମଳ ସରିଥିବାବେଳେ ବିଲରେ ଧାନ ମହଜୁଦ ରହିଥିଲା। ହଠାତ କୌଣସି କାରଣରୁ ନିକଟସ୍ଥ ପାଳଗଦାରେ ନିଆଁ ଲାଗିଯାଇଥିଲା। ଆଖପାଖର ଚାଷୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ବାର୍ହା ଉପଦ୍ରବ

**ଆସିକା,୧୩।୧୨(ଡି.ଏନ୍.ଏ.):** ଗାଙ୍ଗପୁର ଅଞ୍ଚଳରେ କିଛିଦିନ ହେଲା ବାର୍ହା ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ ହେଉଛି। ବନ ବିଭାଗ ପକ୍ଷରୁ ବାର୍ହା ଘଉଡାଇବା ପାଇଁ ଉଦ୍ୟମ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନି। ବାର୍ହାପଲ ଗାଙ୍ଗପୁର, ମାଟିଗାଡିଆ ଅଞ୍ଚଳରେ ପଶି ଧାନ ଫସଲ କ୍ଷତି କରୁଛନ୍ତି। ଚାଷୀ ରଞ୍ଜିତା ବିଷୋୟୀ, ସନ୍ତୋଷ ବିଷୋୟୀ, ନିତ୍ୟାନନ୍ଦ ବିଷୋୟୀ, ଗୋପାଳ ବିଷୋୟୀ, ପ୍ରକାଶ ବିଷୋୟୀ, ଶ୍ରୀନିବାସ ବିଷୋୟୀ, ସୁଦର୍ଶନ ବିଷୋୟୀ, ନୀଳମଣି ବିଷୋୟୀ ଏବଂ ବୋରି ଗ୍ରାମର ରଙ୍ଗନିଧି ବିଷୋୟୀ, ଫକୀର ଗୌଡ, ସୁଦର୍ଶନ ବେହେରା, ପଞ୍ଚାନନ ପାଣି, ଅଭିମନ୍ୟୁ ଗୌଡ ପ୍ରମୁଖ ଚାଷୀଙ୍କ ଫସଲ କ୍ଷତି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଦାବି କରାଯାଇଛି।

### ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଶେରଗଡ଼ ଥାନା ପରିଦର୍ଶନ

**ଶେରଗଡ,୧୩।୧୨(ଡି.ଏନ୍.ଏ.):** ଗଞ୍ଜାମ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଠାକୁର ପ୍ରସାଦ ପାତ୍ର ଶୁକ୍ରବାର ଶେରଗଡ ଥାନା ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଆମ ପୋଲିସ ସମିତି, ବରିଷ୍ଠ ନାଗରିକ ସେଲ, ମହିଳା ଶିଶୁ ଡେସ୍କର ସମସ୍ତ କାଗଜ ପତ୍ର ଯାଞ୍ଚ ସହ ମୋ ସରକାର କାର୍ଯ୍ୟକ୍ରମରେ ଆମ ବିଭାଗକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏ ଦିଗରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଚେଷ୍ଟା ଜାରି ରଖନ୍ତୁ ବୋଲି କହିଥିଲେ। ଉକ୍ତ ପରିଦର୍ଶନ ସମୟରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାଶ, ଏଏସ୍ଆଇ ବିଷ୍ଣୁପ୍ରସାଦ ଦାଶଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ମହାଲକ୍ଷ୍ମୀ ପୂଜା ଉତ୍ସବ ଉଦ୍‌ଯାପିତ

**ବୁଗୁଡ଼ା,୧୩।୧୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବାଲିପଦର ବଜାର ଛକରେ ବଣିକ ସଂଘ ଏବଂ ଶ୍ରୀରାମ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ଚାଲିଥିବା ମହାଲକ୍ଷ୍ମୀ ପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ କେ. କୃଷ୍ଣମୂର୍ତ୍ତି ଆଚାରୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ଉତ୍କଳ ମହାସଭାର ମୁଖ୍ୟ ପଣ୍ଡିତ ଡ. ସୀମାଞ୍ଚଳ ପଣ୍ଡା, ଜଗନ୍ନାଥ ଶତପଥୀ, ପ୍ରଦ୍ୟୁମ୍ନ ଖାଡ଼ଙ୍ଗା, ମୁରଲୀ ରଥ ଓ ଅଭିରାମ ବଡୁ ପ୍ରମୁଖ ପୂଜାକର୍ମ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ମହାଲକ୍ଷ୍ମୀଙ୍କ ଦର୍ଶନ ଲାଗି ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନୀରେ ମହାଲକ୍ଷ୍ମୀଙ୍କୁ ସାହି ପରିକ୍ରମା କରି ବିସର୍ଜନ କରାଯାଇଥିଲା।

# ମକା ବିକ୍ରି ପାଇଁ ମଣ୍ଡି ନାହିଁ, ଚାଷୀ ହତାଶ

**ଆର.ଉଦୟଗିରି,୧୩।୧୨(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି, ନୂଆଗଡ ଓ ମୋହନା ବ୍ଲକ ଅଞ୍ଚଳରେ ବ୍ୟାପକ ମକା ଚାଷ ହେଉଛି। ସରକାର ଚାଷୀମାନଙ୍କଠାରୁ ମକା କ୍ରୟ କରୁ ନ ଥିବାବେଳେ ଏ ନେଇ କୌଣସି ସୁବିଧା ଯୋଗାଉନାହାନ୍ତି। ଫଳରେ ଖଳାରେ କୁଇଣ୍ଟାଲ କୁଇଣ୍ଟାଲ ମକା ପଡିରହିଛି। ଏହାର ସୁଯୋଗ ନେଉଛନ୍ତି ଦଲାଲ। କ୍ରୟ ଆଳରେ ଚାଷୀମାନଙ୍କୁ ଓଜନରେ ଠକୁଛନ୍ତି। ସରକାର ଚାଷୀଙ୍କ ପାଇଁ ବହୁ ଯୋଜନା କରୁଛନ୍ତି, କିନ୍ତୁ ଏହି ଅଞ୍ଚଳର ମକାଚାଷୀ ଏଥିରୁ ବଞ୍ଚିତ ବୋଲି ଅଭିଯୋଗ କରିଛନ୍ତି।

ଗଜପତି ଜିଲାର ଚାରିଟି ଆଇଟିଡିଏ ବ୍ଲକର ଅଧିକାଂଶ ଗ୍ରାମରେ ପଦର ଜମି ରହିଛି। ପ୍ରାୟ ୨୦ ବର୍ଷ ହେଲା ଅଞ୍ଚଳର ଚାଷୀମାନେ ମକାଚାଷ କରି ଗୁଜରାଣ ମେଣ୍ଟାଉଛନ୍ତି। ଯଦିଓ ମକା କିଣିବା ପାଇଁ ଆର୍.ଉଦୟଗିରିରେ ଏହି ତିନୋଟି ବ୍ଲକ ପାଇଁ ମଣ୍ଡିଗୃହ କାମ ସରିଛି, କିନ୍ତୁ ଜିଲା ପ୍ରଶାସନର ଦାୟିତ୍ୱହୀନତା ଯୋଗୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହା ଦଲାଲଙ୍କୁ ସୁହାଉଛି। ସରକାର ମକା କୁଇଣ୍ଟାଲ ପିଛା ଦର ୨୨୦୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ୧୪୦୦ ରୁ ୧୫୦୦ ଟଙ୍କାରେ ବିକି ଦେଉଛନ୍ତି।



ନିର୍ମାଣାଧୀନ ମକା ମଣ୍ଡି ଗୃହ।

ଏନେଇ ଜିଲା ପବ୍ଲିକ ଇନ୍‌ଫର୍ମର ଅଫିସର ଡି. ଗଣପତିଙ୍କ ସହ ଯୋଗାଯୋଗ କରିବାରୁ ସରକାରଙ୍କ ତରଫରୁ ମକା କିଣିବା ବ୍ୟବସ୍ଥା ନାହିଁ। ଯେଉଁ ମଣ୍ଡି ତିଆରି ହୋଇଛି ସେଠାକୁ ସ୍ଥାନୀୟ ବେପାରୀ ଆସି ସରକାର ଦରରେ ମକା ଚାଷୀମାନଙ୍କ ଠାରୁ କିଣିବେ ବୋଲି କହିଥିଲେ। ଆର.ଉଦୟଗିରି ବ୍ଲକର ଆର.ଉଦୟଗିରି ଗ୍ରାମର ଏବଂ ମୋହନା ବ୍ଲକର ଲୁହାଗୁଡି ଗ୍ରାମରେ ଏହି ଅଞ୍ଚଳର ମକାଚାଷୀଙ୍କ ପାଇଁ ନିର୍ମାଣ କରାଯାଇଥିବା ଗୃହର ଅଟକଳ ମୂଲ୍ୟ କେତେ ଏବଂ ମଣ୍ଡିଗୁଡିକ କେବେ କାର୍ଯ୍ୟକ୍ଷମ ହେବ ବୋଲି ପଚାରିବାରୁ ମଣ୍ଡି ଗୃହର ମୂଲ୍ୟ ଜାଣିନି। ମାତ୍ର ଲୁହାଗୁଡିଠାରେ ମଣ୍ଡି ନିର୍ମାଣ ସରିଥିଲେ ମଧ ମକା କିରିବାକୁ ବେପାରୀ ଆସୁନାହାନ୍ତି। ଆର.ଉଦୟଗିରି ଗ୍ରାମରେ ନିର୍ମାଣ ମଣ୍ଡିର ପାଚେରି ଓ ତଳ ଫ୍ଲୋରିଙ୍ଗ୍ କାମ ସରିନି। ଏଠାରେ ସୂଚନା ଫଳକ ମଧ ନାହିଁ। ନିର୍ମାଣାଧୀନ ମଣ୍ଡି ପଛପଟେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି।

ଏ ସମ୍ପର୍କରେ ବିଭାଗୀୟ ଆର୍‌ଏମ୍‌ସି ସେକ୍ରେଟାରୀଙ୍କ ସହ ଯୋଗାଯୋଗ କରିବାରୁ ଏହି ବିଷୟରେ ମୁଁ କୌଣସି ସୂଚନା ଦେଇପାରିବି ନାହିଁ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଗୃହର ଭିତ୍ତିପ୍ରସ୍ତର ୧୫ ନଭେମ୍ବର ୨୦୧୬ରେ ଭିଡିଓ କନ୍‌ଫରେନ୍ସ ଜରିଆରେ କରିଥିଲେ।

## ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

## ଦ୍ୱିତୀୟ ଦିବସରେ ହରିଡାଖଣ୍ଡି ବିଜୟୀ

**ଆସିକା,୧୩।୧୨(ଡି.ଏନ୍.ଏ.)**

ଆସିକା ଟାଉନ ହଲ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଟାଉନ ହଲ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ଶୁକ୍ରବାର ମ୍ୟାଚ ଭଞ୍ଜନଗର ଟିମ ଓ ବ୍ରହ୍ମପୁର ହରିଡାଖଣ୍ଡି ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ହରିଡାଖଣ୍ଡି ଟିମ ବିଜୟୀ ହୋଇଛି। ଟସ ଜିତି ଭଞ୍ଜନଗର ଟିମ କୋର୍ଟ ଚୟସ କରିଥିଲେ। ପ୍ରଥମ ଖେଳ ଭଞ୍ଜନଗର ସପକ୍ଷରେ ଯାଇଥିଲା। ପରବର୍ତ୍ତୀ ଦୁଇଟି ସେଟକୁ ବ୍ରହ୍ମପୁର ହରିଡାଖଣ୍ଡି ଦଳ ଅକ୍ତିଆର କରି ବିଜୟୀ ହୋଇଛି। ଭଞ୍ଜନଗର ଦଳର ଚନ୍ଦନ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଦିବସ ଖେଳକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ପଣ୍ଡା ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଖେଳାଳି ଦୁର୍ଗା ଦାସ ଅତିଥି ଭାବେ ଯୋଗଦେଇଥିଲେ। ତାରିଣୀ ସେନାପତିଙ୍କ ନେତୃତ୍ୱରେ ଦିଲୀପ ପାଣିଗ୍ରାହୀ, ବିଦେଶୀ ନାହାକ, ବାବୁ ରେଡ୍ଡୀ, ସଂଗ୍ରାମ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସଭା




ମଞ୍ଚାସୀନ ଅତିଥିବୃନ୍ଦ।

**ରାମଗିରି,୧୩।୧୨(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତର ରାଜିବ ଗାନ୍ଧୀ ସେବାକେନ୍ଦ୍ରରେ ନେହେରୁ ଯୁବକେନ୍ଦ୍ର ତରଫରୁ ଏକ ସଭାର ଆୟୋଜନ କରାଯାଇଥିଲା। ଆର.ଉଦୟଗିରି ବ୍ଲକ ଅଧକ୍ଷା ଅନିତା ମଣ୍ଡଳ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ସଭାରେ ଅଧକ୍ଷତା ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଅଗ୍ନିଶମ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ରାମଗିରି ଥାନାଧିକାରୀ ବିକାଶ ସେଠୀ ଓ ମୁଖ୍ୟବକ୍ତା ଭାବେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଅବିନା ପରବିନ, ପୂର୍ବତନ ଜିଲା ପରିଷଦ ତାରିଣୀ ଚରଣ ଗୌଡ଼, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ବିନୟ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଉପ ଅଗ୍ନିଶମ ଅଧିକାରୀ ପାଣିଗ୍ରାହୀ ରୋଷେଇ କରିବା ସମୟରେ ଲିକେଜ ହୋଇ ନିଆଁ ବାହାରିଲେ ସେଥିରୁ କିପରି ରକ୍ଷା ମିଳିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ଭିଡିଓ ମାଧ୍ୟମରେ ପରିବେଶକୁ ପ୍ରଦୂଷିତ କଲେ କ'ଣ ସବୁ ରୋଗ ହୁଏ, ତା'ର ପ୍ରତିକାର କ'ଣ ତାହା ଦେଖାଇଥିଲେ। କାର୍ଯ୍ୟକ୍ରମକୁ ସଂଘ ସଭାପତି ବାୟାଧର ବଡ଼କୁମାର ଓ ଜିତେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ମୋ ନିବେଦନ, ମୋ ଗାଁରେ ତହସିଲ

**ଶେରଗଡ,୧୩।୧୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ କୃଷ୍ଣଛାଇ ପଞ୍ଚାୟତରେ ଶୁକ୍ରବାର ମୋ ନିବେଦନ ଓ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଯୋଗଦେଇ ଉକ୍ତ ଦୁଇଟି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ଲକ ପକ୍ଷରୁ ଆୟୋଜିତ ମୋ ନିବେଦନ କାର୍ଯ୍ୟକ୍ରମରେ ମୋଟ ୩୧ ଅଭିଯୋଗ ଆସିଥିଲା। ସେଥିରୁ ଗୋଟିଏ ସାମୂହିକ ଥିବାବେଳେ ୩୦ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ମୋ ନିବେଦନରେ କୃଷ୍ଣଛାଇ ପଞ୍ଚାୟତର ୫ ଟି ଗ୍ରାମର ବହୁ ଜନସାଧାରଣ ଯୋଗ ଦେଇ ସମାସ୍ୟା ସମ୍ପର୍କରେ ଜଣାଇଥିଲେ। ଏବିଡିଓ ଧରଣୀଧର ଭୂୟାଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ଓ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ। ସେହିପରି ଶେରଗଡ ତହସିଲପକ୍ଷରୁ ଆୟୋଜିତ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମକୁ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଓ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ସଂଯୋଜନା କରିଥିଲେ। ୬୮ଜଣ ନାମ ପଞ୍ଜୀକୃତ କରିଥିବାବେଳେ, ୫ଟି ପଟ୍ଟା ଓ ୩ଟି ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବ୍ଲକ ଅଧକ୍ଷା ଶ୍ରୀମତୀ ସ୍ୱାଇଁ ଏହା ବଣ୍ଟନ କରିଥିଲେ।

## ମୋ ନିବେଦନ, ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୧୩।୧୨(ଡି.ଏନ୍.ଏ.)**

ଆସିକା ବ୍ଲକ ସିଦ୍ଧନୟୀ ପଞ୍ଚାୟତରେ ଶୁକ୍ରବାର ବ୍ଲକ ପକ୍ଷରୁ ମୋ ନିବେଦନ ଓ ତହସିଲ ପକ୍ଷରୁ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତହସିଲଦାର ଆଶୁତୋଷ ଗୌରବ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଦ୍ଧନୟୀ ସରପଞ୍ଚ ନନ୍ଦ କୁମାର ବିଷୋୟୀ, ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ, ସିଡିପିଓ ଭାରତୀ ମହାପାତ୍ର, ରାଜସ୍ୱ ବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ, ବ୍ଲକ ଜିପିଓ ଚକ୍ରଧର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସଂପୃକ୍ତ ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ବ୍ଲକ ଅଧିକାରୀଙ୍କ ନିକଟରେ ୨୫ ଓ ତହସିଲ ଅଧିକାରୀଙ୍କ ନିକଟରେ ୩୭ ଅଭିଯୋଗ ଦାଖଲ ହୋଇଥିଲା।

## ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ

**ହିଞ୍ଜିଳିକାଟୁ,୧୩।୧୨(ଡି.ଏନ୍.ଏ.)**

ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ସଂଘ ହିଞ୍ଜିଳିକାଟୁ ଶାଖାର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶାଖା ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶାଖା ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶୋୟୀ ମୁଖ୍ୟ ଅତିଥି, ପୁରୁଷୋତ୍ତମପୁର ଶାଖା ସମ୍ପାଦକ ପି. ସରୋଜ ଆଚାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟୁତ ବିଭାଗରେ ନିୟୋଜିତ ଆଉଟସୋର୍ସିଂ କର୍ମଚାରୀଙ୍କୁ ଠିକ ଭାବେ ଦରମା ନ ମିଳିବା, କର୍ମଚାରୀଙ୍କ ଗ୍ରେଡ଼ ପେ'ରେ ତାରତମ୍ୟ, ଉପଭୋକ୍ତା ଅନୁପାତରେ ସବଷ୍ଟେଶନରେ କର୍ମଚାରୀ ଅଭାବ ଆଦି ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ନିମନ୍ତେ ନିଷ୍ପତ୍ତି ହୋଇଛି। ପରେ ଆସନ୍ତା ବର୍ଷ ପାଇଁ ହିଞ୍ଜିଳିକାଟୁ ସଂଘର ସମ୍ପାଦକ ଭାବେ ଶ୍ରୀକାନ୍ତ ମହାନ୍ତି, ଇ. ଦିଲେଶ୍ୱର ରାଓ ସହସମ୍ପାଦକ, ଡ଼ି ବିଚିତ୍ର ନନ୍ଦ ଦୋରାଙ୍କୁ କେନ୍ଦ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଭାବେ ସର୍ବସମ୍ମତ ମନୋନୀତ କରାଯାଇଛି। ହିଞ୍ଜିଳିକାଟୁ ସବଡ଼ିଭିଜନ ସମ୍ପାଦକ ଭାବେ ଅକ୍ଷୟ ମିଶ୍ର, ବିନୋଦ ଚନ୍ଦ୍ର ସାହୁ ଶେରଗଡ଼ ସବ ଡ଼ିଭିଜନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ସଂଘର ଅମିତ ପଟ୍ଟନାୟକ, ନିଶିକାନ୍ତ ପଟ୍ଟନାୟକ, ଉମେଶ ରାଉତ, ରମେଶ ଗୌଡ଼, ଅନିଲ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ହିଞ୍ଜିଳିକାଟୁ ସାଉଥକୋ ନିର୍ବାହୀ ଯନ୍ତ୍ରୀ ଡ଼ ନରୋତ୍ତମ ପଟ୍ଟନାୟକ ଯୋଗ ଦେଇ କର୍ମଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

## ବିଦ୍ୟାର୍ଥୀ, ଶିକ୍ଷକ ପରିମାପକ ପରୀକ୍ଷଣ ଶିବିର




ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷୟକମାନେ।

**ଶଙ୍କରାଖୋଲ,୧୩।୧୨(ଡି.ଏନ୍.ଏ.)**

ଚକାପାଦ ବ୍ଲକ ଶଙ୍କରାଖୋଲ ଓ ବ୍ରାହ୍ମଣପାଦ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାର୍ଥୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପରିମାପକ ମାନ ପରୀକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଗୁରୁଜୀଲାଲ ପ୍ରଧାନ ଓ ପ୍ରମୋଦ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ତଥ୍ୟ ତଥା ଯୋଜନା ସଂଯୋଜକ ପ୍ରଦୀପ କୁମାର ପ୍ରଧାନ, ଭବାନୀ ଶଙ୍କର ସାହୁ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଓ କନ୍ଧମାଳ ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପ୍ରକୃତ ଉପସ୍ଥାନ, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ, ଆଧାରକାର୍ଡ ସଂଯୋଗ, ପରୀକ୍ଷା ଖାତା ମୂଲ୍ୟାୟନ, ସମସ୍ତ କାର୍ଯ୍ୟକ୍ରମ ସ୍ମାର୍ଟଫୋନ୍ ମାଧ୍ୟମରେ ଅନ୍‌ଲାଇନ୍ କରିବା ନେଇ ଆଲୋଚନା ହୋଇଥିଲା।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

**ବୁଗୁଡ଼ା,୧୩।୧୨(ଡି.ଏନ.ଏ.)**

ବିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ପିପୁଲ୍ସ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ବିଇଓ ରସାନନ୍ଦ କର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ଓ ସମ୍ମାନିତ ଅତିଥି ଭାବେ ଏବିଇଓ ପିତାମ୍ବର ବିଷୋୟୀ, ପ୍ରମୋଦ ଚନ୍ଦ୍ର ସେନାପତି ଯୋଗ ଦେଇଥିଲେ। ବ୍ଲକର ୮୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷକ ବିଶ୍ୱେଶ୍ୱର ଗିରି କ୍ରୀଡ଼ା ପରିଚାଳନା କରିଥିଲେ। କୃତୀ ଦିବ୍ୟାଙ୍ଗମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ମୋ ଗାଁରେ ତହସିଲ, ମୋ ନିବେଦନ କାର୍ଯ୍ୟକ୍ରମ

**ହାତୀଓଟ,୧୩।୧୨**

ପୋଲସରା ବ୍ଲକରେ ମୋ ଗାଁରେ ତହସିଲ ଏବଂ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମିନା ଗ୍ରାମପଞ୍ଚାୟତ ସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା ଭବନ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଅଶୋକ କୁମାର ପ୍ରଧାନ ଓ ବିଡିଓ ଶମ୍ଭୁନାଥ ନନ୍ଦୀ ଉଭୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ନିମିନା ଏବଂ ମାଳତେନ୍ତୁଳିଆ ଗ୍ରାମପଞ୍ଚାୟତ ଲୋକଙ୍କ ବିଭିନ୍ନ ଅଭିଯୋଗ ଏବଂ ଆବେଦନ ଗ୍ରହଣ କରିଥିଲେ।

ଏହି ଅବସରରେ ଉଭୟ ପ୍ରଶାସନିକ ଅଧିକାରୀ ନିମିନା ଗ୍ରାମପଞ୍ଚାୟତର କିଛି ହିତାଧିକାରୀଙ୍କୁ ଗ୍ରାମକଣ୍ଟକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ଗୋପାଳକୃଷ୍ଣ ଗୌଡ, ଜିପିଓ ଗୋପବନ୍ଧୁ ବେହେରା ଏବଂ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ, ସିଡିପିଓ କାର୍ଯ୍ୟାଳୟ ସୁପରଭାଇଜର ଜାନକୀ ଦେବୀ, ପଞ୍ଚାୟତ ଜେଇ ପ୍ରମୋଦ କୁମାର ତ୍ରିପାଠୀଙ୍କ ସମେତ ୧୨ ଜଣ ୱାର୍ଡସଭ୍ୟା ସଭ୍ୟ ବୃନ୍ଦ, ନାଏବ ସରପଞ୍ଚ ସୁରଥ ସ୍ୱାଇଁ, ସମିତିସଭ୍ୟ ଦେବରାଜ ସେଠୀ ଓ ସମସ୍ତ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।

## ନଗର ଉନ୍ନୟନ ଅତିରିକ୍ତ ସଚିବଙ୍କ ଏନ୍‌ଏସି ପରିଦର୍ଶନ

**କୋଦଳା,୧୩।୧୨(ଡି.ଏନ.ଏ.)**

କୋଦଳା ଏନ୍‌ଏସିକୁ ଶୁକ୍ରବାର ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ଅତିରିକ୍ତ ସଚିବ ସୁରେଶ ଚନ୍ଦ୍ର ଦଳେଇ ଗସ୍ତ କରିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ସେ ପହଞ୍ଚିବା ପରେ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ସହିତ ଆବାସ ଗୃହ ଉପରେ ଆଲୋଚନା କରିବା ପରେ ନିର୍ମାଣାଧୀନ ଆବାସ ଗୃହ ବୁଲିଥିଲେ। ପ୍ରଥମେ ୧୩ ନମ୍ବର ୱାର୍ଡକୁ ଯାଇ ଭୂମିହୀନ ପରିବାର ନିର୍ମାଣ କରିଥିବା ଆବାସ ଘର ଦେଖିବା ସହିତ କେତେ ଟଙ୍କା ପାଇଛନ୍ତି, ପୁଣି ନଗଦ ନା ଆକାଉଣ୍ଟରେ, କିଏ ଲାଞ୍ଚ ନେଇଛନ୍ତି କି ନାହିଁ ଆଦି ବିଷୟରେ ଆଲୋଚନା କରି ଧାର୍ଯ୍ୟ ସମୟରେ କାମ ସାରି ପ୍ରୋତ୍ସାହନ ରାଶି ପାଇବା ପାଇଁ ପରାମର୍ଶ ଦେଇଥିଲେ। ପରେ ୱାର୍ଡ ନମ୍ବର ୪ ବାଉରି ସାହିରେ ପହଞ୍ଚି ଆବାସ ଘରକାମ ଠିକ ଚାଲିଥିବା ଦେଖି ଫେରିଥିଲେ। ବସଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ରକୁ ଯାଇ ତାର କ୍ୱାଲିଟି ଯାଞ୍ଚ କରିଥିଲେ। ଏଥିରେ କନିଷ୍ଠ ଯନ୍ତ୍ରୀ ଜତିନ୍ଦ୍ର ମୋହନ ବେହେରା, ଆବାସ ଯୋଜନା ଜିଲା ସଂଯୋଜକ ଦିବ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ସଚିବ ଏନ୍‌ଏସି ପରିଦର୍ଶନ କରୁଛନ୍ତି।

# ୨୫ରେ ଘୁମୁସର ଗଟ୍ ଟାଲେଣ୍ଟ ସିଜନ୍-୨

**ଭଞ୍ଜନଗର,୧୩।୧୨(ଡି.ଏନ.ଏ)**

ଘୁମୁସର ଗଟ୍ ଟାଲେଟଂ ସିଜନ୍-୨ ଚଳିତ ମାସ ୨୫ରେ ସ୍ଥାନୀୟ ଜେଲ୍ ପଡିଆ ପରିସରରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ହୋଇଥିଲା। ଅଭିନେତା ଆଶିଷ କୁମାର ଏଥିରେ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ପଞ୍ଚାନନ ପାଳ, ଶୁଳପାଣି ଶତପଥୀ, ଅନୁପମ ବାନାର୍ଜୀ, ସାଇ ଗୁରୁକୁଳ ବିଦ୍ୟାଳୟର ଚେୟାରମ୍ୟାନ ଅଜିତ ଶତପଥୀ, ପ୍ରମୋଦ ପ୍ରଧାନ, ସଞ୍ଜୀବ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ୨୧ ତାରିଖରେ ସଙ୍ଗୀତ ଓ ମଡେଲିଂ ପାଇଁ ପ୍ରତିଯୋଗିତା ସ୍ଥାନୀୟ ଆର୍‌ଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ୨୨ରେ ଡ୍ୟାନ୍ସ, ସୋଲୋ ଓ ଡୁଏଟ୍ ଉପରେ, ୨୫ରେ ମିସ୍ ଘୁମୁସର ଓ ମିଷ୍ଟର ଘୁମୁସର ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀମାନଙ୍କୁ ୨୫ରେ ପୁରସ୍କୃତ କରାଯିବ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ପ୍ରତିଯୋଗିତା ଗୁଡିକରେ ବିଚାରକ ଭାବେ ଓଲିଉଡ ହିରୋ ଭିଭାସ, ବିଶ୍ୱଜିତ, କୋରିଓଗ୍ରାଫର ତନବିର୍,ନାନ୍ଦୁ, ହିନ୍ଦୁସ୍ଥାନ ଗୀତିକାର ମାଧବ ପରିଡା, ବିଦିଶା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପୁରସ୍କାର ବିତରଣୀ ଉତ୍ସବରେ ଅଭିନେତ୍ରୀ ଜିନା, ଜୟା, ମୁଦ୍ରା,ପ୍ରିୟଙ୍କା ଓ ଅଭିନେତା ରୁଦ୍ର, ସମ୍ଭବ, ଭିଭାସ, ମଡେଲିଂ ଗୁରୁ ସାହିଲ ରାଜ,ପ୍ରଭାତ ଆସିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସଞ୍ଜୀବ କାର୍ଯ୍ୟକ୍ରମ ସଂଯୋଜନା କରିବେ। ମୁଭ୍ ଦି ୱାଲର୍ଡ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। ସବ୍ ଜୁନିୟର ୮ବର୍ଷ ପର୍ଯ୍ୟନ୍ତ, ଜୁନିୟର ୮ରୁ ୧୪ ଓ ସିନିୟରରେ ୧୪ରୁ ୨୫ ବର୍ଷ ବୟସର ପ୍ରତିଯୋଗୀମାନେ ହିଁ ଭାଗ ନେଇପାରିବେ। ପ୍ରତିଯୋଗୀତା ଦିନ ହିଁ ନିଜ ନାମ ପଞ୍ଜୀକରଣ ହେବ।

# ଅପହୃତା ଛାତ୍ରୀ ଉଦ୍ଧାର

**ଦିଗପହଣ୍ଡି,୧୩।୧୨(ଡି.ଏନ.ଏ.)** ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରୁ ଶୁକ୍ରବାର ସକାଳେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ତାମିଲନାଡୁ ପୋଲିସ କେ.ନୂଆଗାଁ ପୋଲିସ ସହାୟତାରେ ଉଦ୍ଧାର କରିଛି। ଛାତ୍ରୀଙ୍କ ମା'ଙ୍କ ଏତଲା କ୍ରମେ ତାମିଲନାଡୁ ପୋଲିସ ନଂ. ୪୬୩/୧୯ରେ ମାମଲା ରୁଜୁ କରିଥିଲା। ଜଣେ ଓଡ଼ିଆ ଯୁବକ ତାମିଲନାଡୁ ପ୍ରଦେଶର ଚେନ୍ନାଇ ନିକଟ ତିରୁପୁରୁ ସହର ସ୍ଥିତ ଏକ ପ୍ରିଣ୍ଟିଙ୍ଗ ପ୍ରେସରେ କାମ କରୁଥିଲେ। ପ୍ରାୟ ୧ ମାସ ପୂର୍ବେ ସେଠାକାର ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ଗାଁକୁ ନେଇ ଆସିଥିଲେ। ଛାତ୍ରୀଙ୍କ ମା' ଏ ନେଇ ତିରୁପୁରୁ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଅପହୃତା ଛାତ୍ରୀଙ୍କ ମୋବାଇଲ ଫୋନ ଟ୍ରାକିଂ କରି ସେ ଓଡ଼ିଶାରେ ଥିବା ଜାଣିପାରିଥିଲେ। ଭୋରରେ ଛାତ୍ରୀଙ୍କ ମା' ତିରୁପୁରୁ ପୋଲିସ ସହ ୫ ତାମିଲନାଡୁ ପୋଲିସ କେ.ନୂଆଗାଁ ଥାନାରେ ପହଞ୍ଚିଥିଲେ। ଆଇଆଇସି ମାଧବାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଫାଣ୍ଡି ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ନାୟକ ତାମିଲନାଡୁ ପୋଲିସ ସହ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଛାତ୍ରୀଙ୍କୁ ପୋଲିସ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଛି।

# ଧାନଗଦା ଜାଳିଦେଲେ ଦୁର୍ବୃତ୍ତ

**ବୁଗୁଡ଼ା,୧୩।୧୨(ଡି.ଏନ୍.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ଦସିପୁର ଗ୍ରାମରେ ଶୁକ୍ରବାର ରାତିରେ ପ୍ରାୟ ୯ଟାରେ ଜଣେ ଚାଷୀଙ୍କର ଧାନ ଗଦାରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ତାଙ୍କ ୧୦ ଭରଣ ଜମିର ଧାନ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦସିପୁରର ଖଦାଳ ସ୍ୱାଇଁ ନିଜ ବିଲରେ ଧାନ ଅମଳ କରି ଗଦା ମାରିଥିଲେ। ରାତି ୯ଟାରେ ଦୁର୍ବୃତ୍ତମାନେ ଉକ୍ତ ଧାନ ଗଦାରେ ନିଆଁ ଲଗାଇ ଦେଇଥିବା ସେ ବୁଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସରପଞ୍ଚ ଦାବି କରିଛନ୍ତି।







